# NATIONAL NEWS BULLETIN (ODIA)

## 10 February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଲକ୍ଷ୍ୟ ପୂରଣ ଓ ଶୂନ୍ୟ ଅଙ୍ଗାରକ ନିର୍ଗମନ ସମ୍ପର୍କିତ ତିନୋଟି ରିପୋର୍ଟ୍ ପ୍ରକାଶ କଲେ ନୀତି ଆୟୋଗ ।
- ଭାରତ-ସେସେଲ୍ସ ସମ୍ପର୍କ ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ - କହିଲେ ରାଷ୍ଟ୍ରପତି ।
- ଭାରତୀୟ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଉଦ୍ଦେଶ୍ୟରେ ଏକାଠି କାମ କରିବେ ଭାରତ-ମରିସସ୍ ।
- ନୂଆଦିଲ୍ଲୀରେ ପ୍ରଥମ ବ୍ରିକ୍ସ ସେର୍‌ପା ବୈଠକ ଆରମ୍ଭ ।

ଏବଂ

- ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ତିନୋଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ସ୍କଟ୍‌ଲାଣ୍ଡ ବିଜୟୀ ।

# ନୀତି ଆୟୋଗ ରିପୋର୍ଟ୍

ନୀତି ଆୟୋଗ ପକ୍ଷରୁ ଗତକାଲି ନୂଆଦିଲ୍ଲୀରେ ବିକଶିତ ଭାରତ ଏବଂ ଶୂନ୍ୟ ଅଙ୍ଗାରକ ନିର୍ଗମନ ସମ୍ପର୍କିତ ତିନୋଟି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି । ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଭି. ଅନନ୍ତ ନାଗେଶ୍ୱରନ୍ ରିପୋର୍ଟଗୁଡ଼ିକୁ ଉନ୍ମୋଚନ କରି ବିକଶିତ ଭାରତ ଦୃଷ୍ଟିକୋଣ ହାସଲ କରିବା ଲାଗି ଏହା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ସେ କହିଛନ୍ତି, ଦେଶର ଦୀର୍ଘକାଳୀନ ଅଭିବୃଦ୍ଧିର ଅଂଶସ୍ୱରୂପ ଶକ୍ତି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇ ରହିଛି । ଏହି ରିପୋର୍ଟଗୁଡ଼ିକ ଦେଶର ବିକାଶ ଉପରେ ଭବିଷ୍ୟତ ଆଲୋଚନା ପାଇଁ ମାନଦଣ୍ଡ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି ।

ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ କହିଛନ୍ତି, ୨୦୭୦ ସୁଦ୍ଧା ଭାରତ ବିଶ୍ୱର ସର୍ବବୃହତ ଅର୍ଥନୀତି ହେବ । ସେଥିଲାଗି ଦେଶ ତାର ନାଗରିକ ଏବଂ ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିବା ଉଚିତ୍ । ଏହି ଅବସରରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର. ସୁବ୍ରମଣ୍ୟମ୍ କହିଛନ୍ତି, ସବୁଜ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଭାରତ ଏକ ବିକଶିତ ଅର୍ଥନୀତି ଭାବରେ ଉଭା ହେବାର ଅପାର ସମ୍ଭାବନା ରହିଛି । ଭାରତର ଅଭିବୃଦ୍ଧି ଯାତ୍ରାକୁ ଅଭୂତପୂର୍ବ ବୋଲି ଅଭିହିତ କରି ସେ କହିଛନ୍ତି, ଦେଶ ୨୦୭୦ ସୁଦ୍ଧା ସବୁଜ ଗୃହ ଗ୍ୟାସ ନିର୍ଗମନକୁ ଶୂନ୍ୟ ସ୍ତରକୁ ହ୍ରାସ କରିବା ସହିତ ବିକଶିତ ଅର୍ଥନୈତିକ ସ୍ତର ହାସଲ

କରିବାକୁ ଉଦ୍ୟମ କରୁଛି । ଭାରତର ଏହି ବିକାଶମୂଳକ ମଡେଲ୍ ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିବ ବୋଲି ସେ କହିଛନ୍ତି ।

## ପ୍ରେଜ୍-ସେସେଲ୍ସ

ସେସେଲ୍ସ ସହିତ ଭାରତର ସମ୍ପର୍କ ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସେସେଲ୍ସ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସମ୍ମାନରେ ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଆୟୋଜିତ ନୈଶ୍ୟ ଭୋଜିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି,  ଉଭୟ ଦେଶର ଲୋକଙ୍କ ମଧ୍ୟରେ ଗଭୀର ସାଂସ୍କୃତିକ ସମ୍ପର୍କ ଦୃଢ଼ ରହିଛି ।

ଶ୍ରୀମତୀ ମୁର୍ମୁ କହିଛନ୍ତି, ଚଳିତ ବର୍ଷ ସେସେଲ୍ସ ଏହାର ସ୍ୱାଧୀନତାର ୫୦ ବର୍ଷ ପାଳନ କରୁଛି ଏବଂ ଆମେ ଭାରତ-ସେସେଲ୍ସ କୂଟନୈତିକ ସମ୍ପର୍କର ୫୦ତମ ବାର୍ଷିକୀ ମଧ୍ୟ ପାଳନ କରୁଛୁ ।

ଏହା ପୂର୍ବରୁ ଗତକାଲି ଅନୁଷ୍ଠିତ ବୈଠକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, **V/O-PM India**

ଉଭୟ ଦେଶ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ୍ ସେସେଲ୍ସର ଅନେକ କ୍ଷେତ୍ରଗୁଡ଼ିକୁ ନୂତନ ଗତି ପ୍ରଦାନ କରିବ ବୋଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ।

**V/O-Vikram Misri-MEA**

# ଫାଇନାନ୍ସ-ଫୋରମ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ବ୍ୟବସାୟ ଏବଂ ଶିଳ୍ପ ପାଇଁ ନୀତିଗତ ଦୃଷ୍ଟିକୋଣରୁ ନିରନ୍ତରତା, ନିଶ୍ଚିତତା ଏବଂ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନୂଆଦିଲ୍ଲୀରେ ଗତକାଲି ଆମେରିକା-ଭାରତ ରଣନୈତିକ ସହଭାଗୀତା ଫୋରମର ବୋର୍ଡ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ସୀତାରମଣ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ ସାମଗ୍ରୀ ନିର୍ମାଣ, ବାୟୋ ଫାର୍ମା ଶକ୍ତି, ବିରଳ ଖଣିଜସମ୍ପଦ ସମର୍ଥିତ କରିଡ଼ର କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ । ଏମ୍ଏସ୍ଏମ୍ଇ ଜରିଆରେ ଭାରତର ଉତ୍ପାଦନ କ୍ଷମତା ଦୃଢ଼ କରିବା, ବିଶେଷକରି ମଧ୍ୟମ ଉଦ୍ୟୋଗ ଉପରେ ଧ୍ୟାନ ଦେବା ଏବଂ ପୁରୁଣା ଶିଳ୍ପ କ୍ଲଷ୍ଟରଗୁଡ଼ିକର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି ।

# ପିଏମ୍-ମରିସସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମରିସସ୍ ପ୍ରତିପକ୍ଷ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମଙ୍କ ସହ ଟେଲିଫୋନ୍ ଜରିଆରେ ବାର୍ତ୍ତାଳାପ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, କଥାବାର୍ତ୍ତା ସମୟରେ ଉଭୟ ରାଷ୍ଟ୍ରକୁ ଏକତ୍ର କରୁଥିବା ସ୍ୱତନ୍ତ୍ର, ଐତିହାସିକ ଏବଂ ଲୋକ-କୈନ୍ଦ୍ରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ମରିସସ୍ ଭାରତ ମହାସାଗର କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତାର ସମାନ ଉଦ୍ଦେଶ୍ୟ ହାସଲ ପାଇଁ ଏକାଠି କାମ କରିବା ଜାରି ରଖିବେ।

ଆସନ୍ତା ସପ୍ତାହରେ ହେବାକୁ ଥିବା ଏଆ.ଇ. ପ୍ରଭାବ ଶିଖର ସମ୍ମିଳନୀରେ ଡକ୍ଟର ରାମଗୁଲାମଙ୍କ ଯୋଗଦାନକୁ ସେ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି ।

# ଜୟସ୍ୱାଲ-ବ୍ରିକ୍ସ ଶେରପା

ନୂଆଦିଲ୍ଲୀରେ ଗତକାଲି ପ୍ରଥମ ବ୍ରିକ୍ସ ଶେରପା ବୈଠକ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ **ଲୋକ-କୈନ୍ଦ୍ରିକ ଓ**

**ମାନବତା-ପ୍ରଥମେ** ଦୃଷ୍ଟିକୋଣ ଉପରେ ଆଧାରିତ ଏହି ବୈଠକରେ ଭାରତର ବ୍ରିକ୍ସ ଶେରପା ସୁଧାକର ଡାଲେଲା ଦେଶର ଅର୍ଥନୈତିକ ଦୃଷ୍ଟିକୋଣ ଓ ସେ କ୍ଷେତ୍ରରେ ସ୍ଥାୟୀତ୍ୱ, ନବସୃଜନ, ସହଯୋଗ ଏବଂ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ବ୍ରିକ୍ସର ଅଧ୍ୟକ୍ଷତା କରିବ । ପୂର୍ବରୁ ୨୦୧୨, ୨୦୧୬ ଏବଂ ୨୦୨୧ରେ ଭାରତ ଏଥିରେ ଅଧ୍ୟକ୍ଷତା କରିଥିଲା।

# ରୁଷ-ଇଣ୍ଡିଆ ବ୍ରିକ୍ସ

ବ୍ରିକ୍ସରେ ଭାରତର ଅଧ୍ୟକ୍ଷତାକୁ ରୁଷ ସମର୍ଥନ କରିବ । ଭାରତର ଦୃଷ୍ଟିକୋଣକୁ ଆଧୁନିକ ଏବଂ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ବର୍ଣ୍ଣନା କରି, ଆତଙ୍କବାଦ ବିରୋଧୀ ଏବଂ ଶକ୍ତି ସୁରକ୍ଷା ଉପରେ ଦୃଢ଼ ଧ୍ୟାନ ଦିଆଯିବ ବୋଲି ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ୍ କହିଛନ୍ତି । ଭାରତ ଚଳିତ ବର୍ଷ ଜାନୁଆରୀ ୧ ତାରିଖରେ ବ୍ରିକ୍ସର ଅଧ୍ୟକ୍ଷତା ଗ୍ରହଣ କରିଛି ଏବଂ ବିଶ୍ୱରେ ଦେଖାଦେଇଥିବା ଆହ୍ୱାନମୂଳକ ପରିସ୍ଥିତିର ସମାଧାନକୁ ପ୍ରାଥମିକତା ଦେଉଛି। ସେ କହିଛନ୍ତି, ରୁଷ ଏକ ବିଶ୍ୱ ସମ୍ମିଳନୀ ଉପରେ ଜାତିସଂଘରେ ଭାରତ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। କୃତ୍ରିମ ବୁଦ୍ଧିମତ୍ତା ଶାସନରେ ସହଯୋଗ ସମେତ ଖାଦ୍ୟ, ଶକ୍ତି ଏବଂ ଆଇସିଟି ସୁରକ୍ଷାର ଗୁରୁତ୍ୱକୁ ରୁଷ ବୈଦେଶିକ ମନ୍ତ୍ରୀ ସମର୍ଥନ କରିଛନ୍ତି ।

## ଶିବରାଜ-ମଥୁରା

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ କୃଷକମାନଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରଖାଯାଇଛି। ଉତ୍ତର ପ୍ରଦେଶର ମଥୁରାରେ ଗୋବର୍ଦ୍ଧନ ପରିକ୍ରମା ପରେ ଗଣମାଧ୍ୟମ ସହ ଆଲୋଚନା କାଳରେ ଶ୍ରୀ ଚୌହାନ କହିଛନ୍ତି, ଏହି ବାଣିଜ୍ୟ ଚୁକ୍ତି ଭାରତର ଚାଷୀ, ମହିଳା ଏବଂ ଯୁବକମାନଙ୍କ ସ୍ୱପ୍ନକୁ ସାକାର କରିବ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର କୂଟନୀତି ବିକଶିତ ହେଉଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ ଗହମ ଏବଂ ଧାନ ସମେତ ପ୍ରମୁଖ ଶସ୍ୟକୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖାଯାଇଛି।

## ବୈଷ୍ଣବ-ସର୍ଗିଓ

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କୁ ସାକ୍ଷାତ କରିଛନ୍ତି । ଉଭୟ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳା ସ୍ଥିର ରଖିବା ନେଇ ଆଲୋଚନା କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ୨୦୨୬ କୃତ୍ରିମ ବୁଦ୍ଧିମତା ପ୍ରଭାବ ଶିଖର ସମ୍ମିଳନୀରେ ଆମେରିକାର ଅଂଶଗ୍ରହଣ ପାଇଁ ସେ ଆଶାବାଦୀ ଅଛନ୍ତି ।

## ଟି-ଟ୍ୱେଣ୍ଟି ଆଇସିସି କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପରେ ଆଜି ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ  ନେଦରଲ୍ୟାଣ୍ଡ-ନାମିବିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଭାରତୀୟ ସମୟ ପୂର୍ବାହ୍ନ ୧୧ଟାରେ ମ୍ୟାଚ୍ ଆରମ୍ଭ ହେବ। ଅନ୍ୟ ଏକ ମ୍ୟାଚ୍ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଓ ୟୁ.ଏ.ଇ. ମଧ୍ୟରେ ଅନୁଷ୍ଠିତ ହେବ । ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ । ଆଜି ସନ୍ଧ୍ୟା ୭ଟାରେ କଲମ୍ବୋର ସିଂହଳୀ ସ୍ପୋର୍ଟସ୍ କ୍ଲବରେ ପାକିସ୍ତାନ ଏବଂ ଆମେରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ଗ୍ରୁପ୍-ଡି’ର ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫୭ ରନ୍‌ରେ କାନାଡ଼ାକୁ ପରାସ୍ତ କରିଥିବା ବେଳେ ଗ୍ରୁପ୍-ବି’ର ମ୍ୟାଚ୍‌ରେ ଜିମ୍ବାୱେ ୮ ୱିକେଟ୍‌ରେ ଓମାନକୁ ପରାସ୍ତ କରିଛି । ଗ୍ରୁପ୍-ସି’ର ଅନ୍ୟ ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୭୩ରନ୍‌ରେ ଇଟାଲିକୁ ପରାସ୍ତ କରିଛି ।

# ଆଇସିସି-ପାକିସ୍ତାନ-ବାଂଲାଦେଶ

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ – ଆଇ.ସି.ସି. କଲମ୍ବୋରେ ଚଳିତ ମାସ ୧୫ ତାରିଖରେ ଭାରତ ବିପକ୍ଷ ମ୍ୟାଚ୍ ସମେତ ସମସ୍ତ ନିର୍ଦ୍ଧାରିତ ଆଇ.ସି.ସି.ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ମ୍ୟାଚ୍ ଖେଳିବା ଲାଗି ପାକିସ୍ତାନ ସମ୍ମତି ପ୍ରକାଶ କରିଛି । ଗତକାଲି ଆଇ.ସି.ସି. ଏବଂ ପାକିସ୍ତାନ କ୍ରିକେଟ୍ ବୋର୍ଡ ମଧ୍ୟରେ ବିସ୍ତୃତ ଆଲୋଚନା ପରେ ପାକିସ୍ତାନ ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଖେଳିବା ନେଇ ସୃଷ୍ଟି ହୋଇଥିବା ପ୍ରତିରୋଧ ସମାପ୍ତ ହୋଇଛି ।

ପୂର୍ବରୁ ଆଇ.ସି.ସି. ପାକିସ୍ତାନ କ୍ରିକେଟ୍ ବୋର୍ଡ ଏବଂ ବାଂଲାଦେଶ କ୍ରିକେଟ୍ ବୋର୍ଡ ସହ ବୈଠକ କରିଥିଲା। ପରେ ଆଇ.ସି.ସି. ଏବଂ ବାଂଲାଦେଶ କ୍ରିକେଟ୍ ବୋର୍ଡ ନିଶ୍ଚିତ କରିଥିଲେ ଯେ ବାଂଲାଦେଶ ଟୁର୍ଣ୍ଣାମେଣ୍ଟରୁ ଅନୁପସ୍ଥିତି ପାଇଁ ଦଣ୍ଡର ସମ୍ମୁଖୀନ ହେବ ନାହିଁ ଏବଂ ଆଇ.ସି.ସି. ପୁରୁଷ କ୍ରିକେଟ୍ ବିଶ୍ୱକପ୍ ୨୦୩୧ ପୂର୍ବରୁ ଏକ ପ୍ରତିଯୋଗିତା ଆୟୋଜନ କରିବାର ସୁଯୋଗ ପାଇବ ।